# ବ୍ୟବସାୟଭିତ୍ତିକ

# ଆଳୁ ଚାଷ




**ଉପସ୍ଥାପନା:** ଡ. କ୍ଷୀରୋଦ କୁମାର ବିଶ୍ୱାଳ, ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ଡ. ସବ୍ୟସାଚୀ ସାହୁ, ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

**ସଂପାଦନା:** ଡ. ମାନସୀ ଭୋଳ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ବୈଜ୍ଞାନିକ ପଦ୍ଧତିରେ
# ଆଳୁ ଚାଷ




ଉପସ୍ଥାପନା:

**ଡ. କ୍ଷୀରୋଦ କୁମାର ବିଶ୍ୱାଳ**, ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

**ଡ. ସବ୍ୟସାଚୀ ସାହୁ**, ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଚିନ୍ମୟ ମିଶ୍ର**, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

ସଂପାଦନା

**ଡ. ମାନସୀ ଭୋଳ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ପୁରୁଣାଗଡ଼, ଦେବଗଡ଼

**KRISHI VIGYAN KENDRA, DEOGARH**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

**ODISHA UNIVERSITY OF AGRICULTURE & TECHNOLOGY**

# ବୈଜ୍ଞାନିକ ପଦ୍ଧତିରେ ଆଳୁ ଚାଷ

ଉପସ୍ଥାପନା

ଡ. କ୍ଷୀରୋଦ କୁମାର ବିଶ୍ୱାଳ,
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)
ଡ. ସବ୍ୟସାଚୀ ସାହୁ
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)
ଚିନ୍ମୟ ମିଶ୍ର
କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

ସଂପାଦନା

ଡ. ମାନସୀ ଭୋଲ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

*ପ୍ରକାଶକ :*

କୃଷି ବିଜ୍ଞାନ କେନ୍ଦ୍ର
ଦେବଗଡ଼

*ପ୍ରଥମ ପ୍ରକାଶ:*

ନଭେମ୍ବର,୨୦୨୪

*ମୁଦ୍ରଣ :*

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By:**
**Dr. Kshirod Kumar Biswal**
Scientist, Plant Protection
**Dr. Sabyasachi Sahoo**
SMS (Agronomy)
**Chinmaya Mishra**
Prog. Asst. (Soil Sc.)

**Edited by** :
**Dr. Manasi Bhol**
Sr. Scientist & Head
Krishi Vigyan Kendra,
Deogarh

**Published by** :
Krishi Vigyan Kendra,
Deogarh

**First Edition**
November, 2024

**Printed by :**
Ankita Graphics, Bhubaneswar.
Ph : 9437077337

# ଆଳୁ ଚାଷ

ଭାତ, ରୁଟି ପରେ ଆଳୁ ଭାରତୀୟମାନଙ୍କର ମୁଖ୍ୟ ଖାଦ୍ୟ। ଯଦିଓ ଆଳୁ ଫସଲର ଉତ୍ପତ୍ତି ଆମ ଦେଶରେ ନୁହେଁ, ବର୍ତ୍ତମାନ ଏହା ଆମ ଦେଶର ମୁଖ୍ୟ ଖାଦ୍ୟ ହିସାବରେ ପରିଗଣିତ ହେଉଛି। ଆଳୁଚାଷର ଚାହିଦା ଦିନକୁଦିନ ବଢ଼ିବଢ଼ି ଚାଲିଛି। ତେବେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଆଳୁଚାଷ କିଛି ପରିମାଣରେ ହେଉଛି। ଆମର ଆବଶ୍ୟକତା (ପାଖାପାଖି ବାର୍ଷିକ ୨୦ଲକ୍ଷ ଟନ୍) ଅନୁଯାୟୀ ଆମ ରାଜ୍ୟର ଆଳୁଚାଷ ଜମି, ଉତ୍ପାଦିକତା ଅତ୍ୟନ୍ତ ନୈରାଶ୍ୟଜନକ। ଆମର ରାଜ୍ୟରେ ପ୍ରାୟ ୫୦୦୦ ହେକ୍ଟର ଜମିରେ ହେକ୍ଟର ପିଛା ୧୪୨ କ୍ୱିଣ୍ଟାଲ ହିସାବରେ ଆଳୁ ଉତ୍ପାଦନ ହୁଏ। ଉପଯୁକ୍ତ ବଜାର ଓ ସଂରକ୍ଷଣ ସୁବିଧାର ଅଭାବ ସହ ଆଳୁ ଉତ୍ପାଦନରେ ଉପଯୁକ୍ତ ଜ୍ଞାନକୌଶଳ ପ୍ରୟୋଗ ହେଉ ନଥିବାରୁ ଆମ ରାଜ୍ୟରେ ଆଳୁଚାଷ ଚାଷୀମାନଙ୍କ ନିକଟରେ ଆଦୃତ ନୁହେଁ। ଇତିମଧ୍ୟରେ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯେପରି ହୋଇଛି ଓଡ଼ିଶା ମଧ୍ୟ ସେଥିରୁ ବାଦ୍ ପଡ଼ିନାହିଁ। ତାହା କୃଷି ପ୍ରଣାଳୀ ଓ ଉତ୍ପାଦିକତା ଉପରେ କୁପ୍ରଭାବ ପକାଉଛି। ପରିବର୍ତ୍ତିତ ପରିସ୍ଥିତିରେ ଆନୁପାତିକଭାବେ ବୃଷ୍ଟିର ପରିମାଣ, ବୃଷ୍ଟି ଦିବସ, ଦିନ ଓ ରାତ୍ରିର ତାପମାତ୍ରା ଇତ୍ୟାଦିରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି। ଆଳୁ ମାଟିତଳେ ଫଳୁଥିବା ଏକ କନ୍ଦ ଫସଲ ହୋଇଥିବାରୁ ଏହା ଅନ୍ୟ ଫସଲ ତୁଳନାରେ ଏହିପରି ପ୍ରତିକୂଳ ପରିସ୍ଥିତିରେ ଅପେକ୍ଷାକୃତ କମ୍ ପ୍ରଭାବିତ ହୋଇଥାଏ। ସେଥିପାଇଁ ଏବେ ଆଳୁକୁ ଜଳବାୟୁ ନିରୋଧକ ଫସଲ କୁହାଗଲାଣି। ଏହାର ଉତ୍ପାଦିକତା ମଧ୍ୟ ହେକ୍ଟରପିଛା ମାତ୍ର ୧୩୬.୫ କ୍ୱିଣ୍ଟାଲ। କିନ୍ତୁ ଆମର ଅପେକ୍ଷାକୃତ ଥଣ୍ଡା ଜଳବାୟୁ, ସ୍ୱଳ୍ପ ଅମ୍ଳୀୟ ମୃତ୍ତିକାରୁ ଲାଭ ଉଠାଇ ଆମ ଜିଲ୍ଲାର ଚାଷୀ ଆଳୁଚାଷ କରି ବେଶ୍ ଲାଭବାନ୍ ହୋଇପାରନ୍ତେ।

## ଜଳବାୟୁର ଆବଶ୍ୟକତା

ଆଳୁ ଚାଷ କମ୍ ତାପମାତ୍ରା, କମ୍ ଆର୍ଦ୍ରତା, ଅଳ୍ପ ପବନ ଓ ଗାଢ଼ ସୂର୍ଯ୍ୟକିରଣ ଆବଶ୍ୟକ କରେ । ଏହି ଫସଲ ବାଲିଆ, ଦୋରସା ମାଟି ଓ ବତର ଥିବା ମାଟିରେ ଭଲ ଚାଷ ହୋଇଥାଏ । ଅତ୍ୟଧିକ ମାଟିର ବତର ଚାପ ପକାଇ କନ୍ଦଗୁଡିକ ବୃଦ୍ଧି ପାଇବାରେ ବାଧା କରିଥାଏ । ଗଛ ଗୁଡିକ ବର୍ଦ୍ଧିତ ଅବସ୍ଥାରେ ଉଦ୍ଭିଦ ବୃଦ୍ଧି ଉଦ୍ଦୀପକ ପ୍ରୟୋଗ କଲେ କନ୍ଦ ବୃଦ୍ଧିରେ ହ୍ରାସ ପାଇଥାଏ। ଆଳୁ ଅଙ୍କୁରୋଦଗମ୍‌ପାଇଁ ୨୫° ସେଣ୍ଟିଗ୍ରେଡ୍ ଓ ଅଙ୍ଗୀୟ ବୃଦ୍ଧି ଅବସ୍ଥାରେ ୧୩° ସେଣ୍ଟିଗ୍ରେଡ୍ ଓ କନ୍ଦ ସୃଜନ ଓ ବୃଦ୍ଧି ଅବସ୍ଥାରେ ୧୩-୨୦° ସେଣ୍ଟିଗ୍ରେଡ୍ ଆବଶ୍ୟକ କରିଥାଏ। ଏହା ସୂଚନା ଯୋଗ୍ୟ ଯେ, ଅତ୍ୟଧିକ ତାପମାତ୍ରା କନ୍ଦ ବୃଦ୍ଧିକୁ ପ୍ରଭାବ ପକାଇଥାଏ ଓ ୩୦° ସେଣ୍ଟିଗ୍ରେଡ୍ ଅଧିକ ତାପମାତ୍ରା ହେଲେ କନ୍ଦ ବୃଦ୍ଧି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ଏହାର କାରଣ ହେଲା ଅତ୍ୟଧିକ ରାତିର ତାପମାତ୍ରା ଆଳୁ ଫସଲର

ବୃଦ୍ଧିକୁ ବହୁଳଭାବରେ ପ୍ରଭାବ ପକାଇଥାଏ। ପରୀକ୍ଷଣରୁ ଜଣାପଡେ ଯେ, ସ୍ୱଳ୍ପ ଦିବସ (୧୦ଘଣ୍ଟା) ଓ ସର୍ବାଧିକ ଦିନ ତାପମାତ୍ରା (୨୪° ସେ) ଓ ରାତ୍ର ତାପମାତ୍ରା (୧୨° ସେ) ରହିଥିଲେ ସର୍ବୋତ୍କୃଷ୍ଟ କନ୍ଦ ହୋଇଥାଏ।

## ଜମି ପ୍ରସ୍ତୁତି

ଆଳୁ ପାଇଁ ସାଧାରଣତଃ ନିଗିଡ଼ା ଓ ବାଲିଆ ଦୋରସା ମାଟି ସର୍ବୋତ୍କୃଷ୍ଟ। ମାଟିରେ ଅଳ୍ପ ଅମ୍ଳ ଅଂଶ ( PH ୫.୫ ରୁ ୭.୦) ରହିଲେ ଭଲ। ମାଟିକୁ ଦୁଇଥର ଭଲ ଭାବରେ ଚାଷ କରି ଦୁଇଥର ମଇ ଦେଇ ସମତୁଲ କରିଦେବା ଉଚିତ୍। ମାଟିରେ ଉଈ ପ୍ରାଦୁର୍ଭାବ ଥିଲେ ହେକ୍ଟର ପିଛା ୨୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ଓ ଝାଉଁଳା ରୋଗର ନିରାକରଣ ପାଇଁ ୧୨ କି.ଗ୍ରା. ଉତ୍କୃଷ୍ଟମାନର ବ୍ଲିଚିଂ ପାଉଡ଼ର ଶେଷ ଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦେଲେ ଭଲ।




## ଆଳୁର ଉନ୍ନତ କିସମ

ଆଳୁ ଚାଷର ସଫଳତା ମୁଖ୍ୟତଃ ବିହନର କିସମ ଓ ମାନ ଉପରେ ନିର୍ଭର କରେ। ଆମ ରାଜ୍ୟ ପାଇଁ ଉପଯୋଗୀ ହେଉଥିବା କେତେକ ଉନ୍ନତ କିସମ କେନ୍ଦ୍ରୀୟ ଆଳୁ ଗବେଷଣା କେନ୍ଦ୍ର, ଶିମଳା ତରଫରୁ ବିକଶିତ ହୋଇଅଛି। ସେଗୁଡ଼ିକ ସାଧାରଣତଃ ଅଧିକ ଅମଳକ୍ଷମ ହେବା ସହ ରୋଗ ଓ ପୋକ ପ୍ରତିରୋଧକ ଗୁଣ ସମ୍ପନ୍ନ।

ଅବଧି ଅନୁଯାୟୀ କସମଗୁଡ଼ିକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି, ଯଥା (୧) ସଅଳ କିସମ (୭୦-୮୦ ଦିନ), (୨) ମଧ୍ୟମ କିସମ (୯୦-୧୦୦ ଦିନ) ଓ (୩) ବିଳମ୍ବ କିସମ (୧୧୦-୧୨୦ ଦିନ)। ଆମ ରାଜ୍ୟରେ ଶୀତର ସ୍ୱଳ୍ପ ଅବଧି ଦୃଷ୍ଟିରୁ ସଅଳ ଓ ମଧ୍ୟମ କିସମ ଗୁଡ଼ିକ ଚାଷ ପାଇଁ ଅଧିକ ଉପଯୁକ୍ତ। ଆଳୁର ବିଭିନ୍ନ କିସମର ମୁଖ୍ୟ ଗୁଣଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହୋଇଅଛି।

## ସଅଳ କିସମ



**କୁଫ୍ରି ଚନ୍ଦ୍ରମୁଖୀ:** ଏହାର ଫୁଲ ନାଲି-ବାଇଗଣୀ ରଙ୍ଗର। ଆଳୁଗୁଡ଼ିକ ଟିକିଏ ଲମ୍ବାଳିଆ ଓ ଧଳା କ୍ରିମ୍ ରଙ୍ଗର। ଆଖିଗୁଡ଼ିକ ଅଗଭୀର ଏବଂ ଆଳୁର ଭିତର ରଙ୍ଗ ଧଳା। ଏହାର ଅବଧି ୭୦-୮୦ ଦିନ ଏବଂ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୨୦୦-୨୫୦ କ୍ୱିଣ୍ଟାଲ। ଏହାକୁ ଭଲରୂପେ ସାଇତି ହୁଏ। ଏହା ସଅଳ ଓ ବିଳମ୍ବ ପତ୍ରପୋଡ଼ା ରୋଗ ସମେତ ଅନେକ ରୋଗର ପ୍ରତିରୋଧ କରିପାରେ ନାହିଁ। ଏହା ରାନ୍ଧିବା ପାଇଁ ସହଜ ଏବଂ ସୁସ୍ୱାଦୁ। ତେଣୁ ଘରେ ଘରେ ଏହା ବିଶେଷ ଭାବରେ ଆଦୃତ।



**କୁଫ୍ରି ଅଶୋକ:** ଏହାର ଫୁଲର ରଙ୍ଗ ନାଳି-ବାଇଗଣୀ। ଧଳା ସର ରଙ୍ଗର, ଆଳୁଗୁଡ଼ିକ ଟିକିଏ ଲମ୍ବାଳିଆ। ଆଖିଗୁଡ଼ିକ ଅଗଭୀର ଏବଂ ଆଳୁ ଭିତରେ ରଙ୍ଗ ଧଳା। ଏହାର ଅବଧି ୭୦-୮୦ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୨୫୦-୩୦୦ କ୍ୱିଣ୍ଟାଲ୍। ଏହା ବଳମ୍ବ ପତ୍ର ପୋଡା ଓ ଭାଇରସ୍ ଜନିତ ରୋଗ ସମେତ ଅନେକ ରୋଗର ପ୍ରତିରୋଧ କରିପାରେ ନାହିଁ। ରାନ୍ଧିବା ପାଇଁ ଏହା ସହଜ।






**କୁଫ୍ରି ଜୱାହର:** ଫୁଲର ରଙ୍ଗ ଧଳା। ଆଳୁଗୁଡ଼ିକର ଉପର ରଙ୍ଗ ଧଳା ସର ଓ ଭିତର ରଙ୍ଗ ଧଳା। ଆଳୁର ଆକୃତି ଇସତ୍ ଲମ୍ବାଳିଆ ଏବଂ ଆଖିଗୁଡ଼ିକ ଅଗଭୀର। ଏହାର ଅବଧି ୭୦-୮୦ ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୨୫୦ ରୁ ୩୦୦ କ୍ୱିଣ୍ଟାଲ୍। ବିଳମ୍ବ ପତ୍ର ପୋଡ଼ା ରୋଗ ପ୍ରତି ଏହାର ମଧ୍ୟମ ଧରଣର ଓ ଭାତୁଡ଼ି ରୋଗ ପ୍ରତି ସମ୍ପୂର୍ଣ୍ଣ ପ୍ରତିରୋଧକ ଶକ୍ତି ରହିଅଛି। ଅନ୍ତଃ ଫସଲ ପାଇଁ ଏହା ଅଧିକ ଉପଯୁକ୍ତ।

## ମଧମ କିସମ



**କୁଫ୍ରି ପୁଖରାଜ:** ଏହାର ଫୁଲର ରଙ୍ଗ ଧଳା। ଆଳୁର ଉପର ରଙ୍ଗ ଧଳା ସର ଓ ଭିତର ରଙ୍ଗ ହଳଦିଆ। ଆଳୁଗୁଡ଼ିକ ଟିକିଏ ଲମ୍ବା ଓ ଆଖିଗୁଡ଼ିକ ଅଗଭୀର। ଏହି କିସମର ଅବଧି ୮୦-୯୦ ଦିନ ଏବଂ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୩୫୦ ରୁ ୪୦୦ କ୍ୱିଣ୍ଟାଲ୍। ଏହା ଉଭୟ ସଅଳ ଓ ବିଳମ୍ବ ପତ୍ରପୋଡ଼ା ରୋଗ ପ୍ରତିରୋଧି। ଏହି କିସମ ଅଳ୍ପ ଦିନରେ ଏବଂ କମ୍ ସମ୍ବଳ ଉପଯୋଗ ହେଉଥିବା ଅବସ୍ଥାରେ ଅପେକ୍ଷାକୃତ ଅଧିକ ଅମଳ ଦେଇଥାଏ।



**କୁଫ୍ରି ସୂର୍ଯ୍ୟ:** ଆଳୁଗୁଡିକର ଉପର ଅଂଶର ରଙ୍ଗ ଧଳା ହୋଇଥିବା ବେଳେ ଭିତରର ରଙ୍ଗ କ୍ରିମ୍ ବା ସର ପରି ହୋଇଥାଏ। ଏହାର ଅବଧି ୯୦-୧୦୦ ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୩୦୦-୩୫୦ କ୍ୱିଣ୍ଟାଲ୍। ଏହି କିସମରେ ଛୋଟ ଆଳୁ ଅପେକ୍ଷା ବଡ ଆଳୁ ଅଧିକ ସଂଖ୍ୟାରେ ହେଉଥିବାରୁ ଏବଂ ଆଳୁଗୁଡିକ ଅଧିକ ଲମ୍ବା ହୋଇଥିବାରୁ ଏହା ଫ୍ରେଞ୍ଚଫ୍ରାଏ ପାଇଁ ଉପଯୁକ୍ତ। କମ୍ ଶୀତରେ ଭଲ ଆଳୁ ହେଉଥିବାରୁ ଏହି କିସମ ସଅଳ ଆଳୁ ଲଗାଇବା ପାଇଁ ଅଧିକ ଉପଯୁକ୍ତ।




**କୁଫ୍ରି ଜ୍ୟୋତି:** ଏହା ଏକ ପୁରୁଣା କିସମ ହୋଇଥିବା ସତ୍ତ୍ୱେ ଚାଷୀମାନଙ୍କ ମଧ୍ୟରେ ବିଶେଷ ଭାବରେ ଆଦୃତ। ଏହାର ଫୁଲର ରଙ୍ଗ ଧଳା। ଆଳୁ ଉପର ଅଂଶର ରଙ୍ଗ ଧଳା ବା କ୍ରିମ୍ ଓ ଭିତରର ରଙ୍ଗ ଧଳା ଅଟେ। ଏହା ଉଭୟ ପାହାଡିଆ ଓ ସମତଳ ଅଞ୍ଚଳରେ ଭଲ ଭାବରେ ଚାଷ କରାଯାଇପାରେ। ଆଖିଗୁଡ଼ିକ

ଅଗଭୀର ଓ ଆଳୁର ଆକୃତି ସାମାନ୍ୟ ଲମ୍ବାଳିଆ । ଏହାର ଅବଧି ୯୦-୧୦୦ଦିନ ଏବଂ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୨୫୦ରୁ ୩୦୦କ୍ୱିଣ୍ଟାଲ୍ । ଏହା ଉଭୟ ସଅଳ ଓ ବିଳମ୍ବ ପତ୍ରପୋଡ଼ା ରୋଗ ପ୍ରତିରୋଧି ।

**କୁଫ୍ରି ଲାଲିମା**- ଗଛର କାଣ୍ଡର ରଙ୍ଗ ପ୍ରାୟ ପାଟଳ । ଫୁଲର ରଙ୍ଗ ନାଳି-ବାଇଗଣୀ । ଆଳୁର ଉପର ଅଂଶ ଇସତ୍ ନାଳି କିନ୍ତୁ ଭିତରଟି ଧଳା । ଆଖିଗୁଡ଼ିକ ମଧ୍ୟମ ଧରଣର ଗଭୀରିଆ । ଏହାର ଅବଧି ୯୦-୧୦୦ ଦିନ ଓ ହାରାହାରି ଉତ୍ପାଦନ କ୍ଷମତା ୨୦୦-୨୫୦କ୍ୱିଣ୍ଟାଲ । ଏହା ସଅଳ ପତ୍ର ପୋଡ଼ା ରୋଗ ପ୍ରତିରୋଧି । ଆଳୁଗୁଡ଼ିକ ସିଝିବା ପାଇଁ ଅଧିକ ସମୟ ଦରକାର କରିଥାନ୍ତି ।




**କୁଫ୍ରି ଅରୁଣ**: ଗଛର କାଣ୍ଡ ପାଟଳ ରଙ୍ଗର । ଆଳୁଗୁଡ଼ିକ ନାଳି, ସାମନ୍ୟ ଲମ୍ବାଳିଆ ଓ ଆଖି ମଧ୍ୟମ ଧରଣର ଗଭୀରିଆ । ଆଳୁ ଭିତରଟି ସର ରଙ୍ଗର । କିସମର ଅବଧି ୯୦-୧୦୦ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୩୦୦-୩୫୦କ୍ୱିଣ୍ଟାଲ । ଏହା ବିଳମ୍ବ ପତ୍ରପୋଡ଼ା ରୋଗ ପ୍ରତିରୋଧି । ଆଳୁଗୁଡ଼ିକ ଘରେ ସାଇତିଲେ ଜଲ୍‌ଦି ପଚି ଯାଉଥିବାରୁ ଦେଶୀ ଭଣ୍ଡାରରେ ରଖିବା ଏତେଟା ଉତ୍ସାହ ଜନକ ନୁହେଁ ।



**କୁଫ୍ରି ବାଦଶାହ**: ଗଛର କାଣ୍ଡ ପାଟଳ ରଙ୍ଗର ଓ ଫୁଲ ଧଳା । ଆଳୁଗୁଡ଼ିକ ଧଳାସର ରଙ୍ଗର ଓ ଭିତରଟି ସଂପୂର୍ଣ୍ଣ ଧଳା । ଆଳୁର ଆକୃତି ଲମ୍ବାଳିଆ ଓ ଆଖିଗୁଡ଼ିକ ଅଗଭୀର । ଏହାର ଅବଧି ୧୦୦-୧୧୦ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୩୦୦-୩୫୦ କ୍ୱିଣ୍ଟାଲ । ଏହା ଉଭୟ ସଅଳ ଓ ବିଳମ୍ବ ପତ୍ରପୋଡ଼ା ରୋଗ ପ୍ରତିରୋଧି ।



## ବିଳମ୍ବ କିସମ



**କୁଫ୍ରି ସିନ୍ଦୁରି:** ଗଛ କାଣ୍ଡର ରଙ୍ଗ ମୁଖ୍ୟତଃ ନାଲି-ମାଟିଆ ଓ ଫୁଲର ରଙ୍ଗ ନାଲି-ବାଇଗଣୀ। ଆଳୁଗୁଡ଼ିକ ଗୋଲ ଓ ନାଲି ରଙ୍ଗର ଅଥଚ ଭିତରଟି ସର ରଙ୍ଗର। କିସମର ଅବଧି ୧୧୦-୧୨୦ଦିନ ଓ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୩୦୦-୩୫୦କ୍ୱିଣ୍ଟାଲ। ଅଧିକ ଦିନ ସାଇତି ହୁଏ। ଏହା ସଅଳ ପତ୍ରପୋଡ଼ା ରୋଗ ପ୍ରତିରୋଧି। କମ୍ ସମ୍ବଳ ଉପଯୋଗ ପରିସ୍ଥିତି ପାଇଁ ଏହି କିସମ ଅତି ଅନୁକୂଳ।

## ଲଗାଇବାର ସମୟ

ସଅଳ କିସମ ଆଳୁ ନଭେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ଲଗାଯାଉଥିବା ବେଳେ ମଧ୍ୟମ ଓ ବିଳମ୍ବ କିସମ ଅକ୍ଟୋବର ଶେଷ ସପ୍ତାହ ରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଲଗାଯାଇଥାଏ। ଆମରାଜ୍ୟରେ ଶୀତର ସ୍ୱଳ୍ପ ଅବଧି ଦୃଷ୍ଟିରୁ ବିଳମ୍ବ କିସମ ପ୍ରାୟତଃ ଚାଷ କରାଯାଏ ନାହିଁ।

## ବିହନ ଆବଶ୍ୟକତା

କଟା ବିହନ ଠାରୁ ଗୋଟା ବିହନ ଲଗାଇବା ପାଇଁ ଉପଯୁକ୍ତ। ପ୍ରତ୍ୟେକ ବିହନ ଖଣ୍ଡର ଓଜନ ୪୦ ଗ୍ରାମ ହେବା ଉଚିତ ଏବଂ ସେଥିରେ ୨ ରୁ ୩ଟି ଆଖି ରହିବା ବାଞ୍ଛନୀୟ। ହେକ୍ଟର ପିଛା ପ୍ରାୟ ୨୦-୩୦ କ୍ୱିଣ୍ଟାଲ ବିହନ ଦରକାର ପଡ଼େ। ବିହନ ଖଣ୍ଡଗୁଡ଼ିକୁ ୦.୩% ମାଙ୍କୋଜେବ୍ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ୧୨ ଘଣ୍ଟା ଶୁଖାଇବା ଉଚିତ୍।

## ଲଗାଇବା ପ୍ରଣାଳୀ

ଆଳୁ ବିହନଗୁଡ଼ିକୁ ଲଗାଇବା ପାଇଁ କାଟିବା ପୂର୍ବରୁ ସେଥିରେ ଗଜା କରାଇବାକୁ ପଡ଼େ। ଏଥିପାଇଁ ବିହନ ଆଳୁ ଗୁଡ଼ିକ ସିଧା ଖରା ନ ପଡୁଥିବା ଓ ଭଲ ପବନ ଚଳାଚଳ କରୁଥିବା ଘରେ ୧୦ ରୁ ୧୫ ଦିନ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ପତଳା କରି ଖେଳାଇବା ବା କଣା ଥିବା ପ୍ଲାଷ୍ଟିକ୍ ବା କାଠ ବାକ୍ସରେ ରଖିବା ଦରକାର। ବିଶୋଧିତ ବିହନ ଖଣ୍ଡ ଗୁଡ଼ିକୁ ଧାଡ଼ି ଧାଡ଼ି ମଧ୍ୟରେ ୬୦ ସେ.ମି. ଓ ଗଛକୁ



ଗଛ ମଧ୍ୟରେ ୨୦ ସେ.ମି. ବ୍ୟବଧାନରେ ସିଆର କରି ଲଗାଇବା ଉଚିତ। ସିଆର କରିବାପରେ ଆଳୁ ବିହନ ମାଟିର ପ୍ରାୟ ୧ ଇଞ୍ଚ ତଳେ ରହିବା ଉଚିତ। ଲଗାଇବାପରେ ହାଲ୍କା ଜଳସେଚନ କରିବା ଦରକାର।

## ଖତ ଓ ସାର

ଶେଷ ଜମି ପ୍ରସ୍ତୁତି ବା ପଟାଳି ପ୍ରସ୍ତୁତି ସମୟରେ ହେକ୍ଟର ପିଛା ୧୦ ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଆଳୁ ଲଗାଇବାର ଠିକ୍ ପୂର୍ବରୁ ମୂଳ ସାର ହିସାବରେ ହେକ୍ଟର ପିଛା ୬୦ ରୁ ୭୫ କି.ଗ୍ରା. ଯବକ୍ଷାରଜାନ ୮୦ ରୁ ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ ରୁ ୧୦୦ କି.ଗ୍ରା. ପଟାସ୍ ସାର ଦିଅନ୍ତୁ। ୨୫ ରୁ ୩୦ ଦିନ ପରେ କୋଡ଼ା ଖୁସା କରି ଘାସ ବାଛି ଅବଶିଷ୍ଟ ୬୦ ରୁ ୭୫ କି.ଗ୍ରା. ଯବକ୍ଷାରଜାନ ହୁଡ଼ାସାର ହିସାବରେ ବ୍ୟବହାର କରି ହୁଡ଼ା ଟେକି ଦିଅନ୍ତୁ।

## ଜଳସେଚନ

ମାଟିର ପାଗ ଦେଖି ୧୦ ରୁ ୧୫ ଦିନ ବ୍ୟବଧାନରେ ଜଳସେଚନ କରାଯାଏ। ସିଆରରେ ହୁଡ଼ାର ଦୁଇ ତୃତୀୟାଂଶ ଉଚ୍ଚ ପର୍ଯ୍ୟନ୍ତ ପାଣି ଦିଆଯାଏ। ପତ୍ର ହଳଦିଆ ପଡିଲେ ପାଣିଦେବା ବନ୍ଦ କରିଦିଆଯାଏ। ଯେଉଁଠାରେ ଆଳୁବିହନ ଲଗାଇବାର ସଙ୍ଗେ ସଙ୍ଗେ ସିଆର କରାଯାଏନାହିଁ, ସେକ୍ଷେତ୍ରରେ ଛିଞ୍ଚା ପାଣି ଭଲ ଗଛ ବାହାରିବାରେ ସାହାଯ୍ୟ କରିଥାଏ। ବୀଜାଣୁଜନିତ ରୋଗ ଦେଖାଦେଲେ ପାଣି କମ୍ ଦେବା ଉଚିତ। ଯାଦୁରା ରୋଗର ପ୍ରାଦୁର୍ଭାବର ସମ୍ଭାବନା ଥିଲେ ଜମି ଆଦୌ ଶୁଖିବା ପାଇଁ ନ ଦେବା ଉଚିତ।

## ଅନ୍ତଃ ଚାଷ

ମଧ୍ୟମ ଏବଂ ବିଳମ୍ବ କିସମ ଆଳୁ ଲଗାଇବାର ପ୍ରାୟ ୪୫ଦିନ ପରେ ଦ୍ୱିତୀୟ ଥର ହୁଡ଼ା ଟେକାଯାଏ ଯଦ୍ୱାରା ଜଳଧାରଣ ଶକ୍ତି ବଢ଼ିବା ସହ ଗଛଗୁଡ଼ିକ ସିଧା ଠିଆହୋଇ ସୂର୍ଯ୍ୟକିରଣ ଗ୍ରହଣ କରିପାରନ୍ତି।




## ରୋଗ ନିୟନ୍ତ୍ରଣ:

**ସଅଳ ପତ୍ର ପୋଡ଼ା ରୋଗ:** ଏ ରୋଗର ଲକ୍ଷଣ ଗୁଡ଼ିକ ମୁଖ୍ୟତଃ ପତ୍ର ଓ ଆଳୁରେ ଦେଖାଯାଇଥାଏ। ପ୍ରଥମେ ପୁରୁଣା ତଳ ପତ୍ରଗୁଡ଼ିକ ଛୋଟ ଛୋଟ ଗୋଲାକାରରୁ କୋଣାକୃତି ବାଦାମୀ ରଙ୍ଗର ଦାଗ ଦେଖାଯାଏ ଯାହା କାଳକ୍ରମେ ବଢ଼ି ବଡ଼ ବଡ଼ ହୋଇଥାଏ।



ଆଳୁରେ ଦେଖାଯାଉଥିବା ଦାଗ ଗୁଡ଼ିକର ତଳେଥିବା ବାଦାମୀ ରଙ୍ଗ, ଶୁଖିଲା ଓ ଖଇରା ଦେଖାଯାଏ। ଏହି ରୋଗର ଦମନ ପାଇଁ ରୋଗମୁକ୍ତ ବିହନ ବ୍ୟବହାର କରନ୍ତୁ। ଫସଲ ୪୫ଦିନର ହୋଇଗଲେ ସେଥିରେ ୦.୨% ମାଙ୍କୋଜେବ୍ ସିଞ୍ଚନ କରନ୍ତୁ ଓ ୬୦ଦିନରେ ଆଉ ଥରେ ଦୋହରାନ୍ତୁ।

**ବିଳମ୍ବ ପତ୍ରପୋଡ଼ା ରୋଗ:** ଏ ରୋଗ ଦ୍ୱାରା ଆଳୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ରହିଥାଏ। ଏ ରୋଗର ଲକ୍ଷଣ ଗୁଡ଼ିକ ପତ୍ର, ଡ଼ାଳ ଓ ଆଳୁରେ ଦେଖାଯାଇଥାଏ। ପତ୍ରର ଦାଗ ଗୁଡ଼ିକ ଓଦା ହେବାପରି ଦେଖାଯାଏ ଯାହାର ଧାରରେ ପତଳା ତୁଳା ଲାଗିଥିବା ପରି ଜଣାପଡ଼େ। ମେଘୁଆ ପାଗ ସହ ଝିପିଝିପି ବର୍ଷା ବା ବାୟୁମଣ୍ଡଳରେ ୮୦%ରୁ ଅଧିକ ଆର୍ଦ୍ରତା ଏ ରୋଗକୁ ଉତ୍ସାହିତ କରିଥାଏ। ଏ ରୋଗର ଦମନ ପାଇଁ ୪୦ଦିନର ଫସଲରେ ମାଙ୍କୋଜେବ୍ ୦.୨% ସିଞ୍ଚନ କରନ୍ତୁ ଓ ୧୦ରୁ ୧୨ଦିନ ବ୍ୟବଧାନରେ ଆଉ ୨ଥର ଦୋହରାନ୍ତୁ। ମାଙ୍କୋଜେବ୍ ପରିବର୍ତ୍ତେ ୦.୨୫% ମେଟାଲାକ୍ସିଲ୍ (ରିଡ଼ୋମିଲ୍ ଏମ୍‌ଜେଡ୍) ସିଞ୍ଚନରୁ ମଧ୍ୟ ସୁଫଳ ମିଳିଥାଏ।



**ଝାଉଁଳା ରୋଗ:** ଏ ରୋଗ ଉଭୟ ଫିମ୍ପି ଓ ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ତେବେ ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ଅଧିକ ମାରାତ୍ମକ। ଏହାଦ୍ୱାରା ଉଭୟ ଗଛ ଓ ଆଳୁ କ୍ଷତିଗ୍ରସ୍ତ ହୋଇଥାଏ। ଆକ୍ରାନ୍ତ ଗଛଗୁଡ଼ିକ ସମ୍ପୂର୍ଣ୍ଣ ଝାଉଁଳି ଯାଇ ମରି ଯାଏ। ଆକ୍ରାନ୍ତ ଆଳୁକୁ ଅଧାରୁ କାଟିଲେ କଟା ଆଳୁର ପରିଧିର ଧାରେ ଧାରେ ବାଦାମୀ ରଙ୍ଗର ରିଙ୍ଗ ଦାଗ ଦେଖାଯାଏ। ଭଣ୍ଡାର ଘରେ ଏହି ଆଳୁଗୁଡ଼ିକ ସଂପୂର୍ଣ୍ଣ ସଢ଼ିଯାଏ। ଏ ରୋଗରୁ ରକ୍ଷା ପାଇବା ପାଇଁ ଖରାଟିଆ ଚାଷ କରନ୍ତୁ। ଆଳୁ ବିହନ ଲଗାଇବା ପୂର୍ବରୁ ହେକ୍ଟର ପିଛା ୧୨କି.ଗ୍ରା. ଉନ୍ନତ ମାନର ବ୍ଲିଚିଂ ପାଉଡ଼ର ମାଟିରେ ପ୍ରୟୋଗ କରନ୍ତୁ।



ସମ୍ପୂର୍ଣ୍ଣ ରୋଗମୁକ୍ତ ବିହନ ବ୍ୟବହାର କରନ୍ତୁ। ଫସଲରେ ରୋଗ ଦେଖାଦେଲେ ଜଳସେଚନର ଜଳର ପରିମାଣ କମାଇ ଦିଅନ୍ତୁ। ସମ୍ପୂର୍ଣ୍ଣ ଝାଉଁଳି ଯାଇଥିବା ଗଛଗୁଡ଼ିକୁ ଉପାଡ଼ି ପୋତି ବା ପୋଡ଼ି ଦିଅନ୍ତୁ। ପାରୁ ପର୍ଯ୍ୟନ୍ତ ଗୋଟା ଆଳୁ ବିହନ ବ୍ୟବହାର କରନ୍ତୁ। ଫସଲ ପର୍ଯ୍ୟାୟକ୍ରମେ ମାଣ୍ଡିଆ କିମ୍ବା ଧାନ ଫସଲ କରନ୍ତୁ।

**ସାଧାରଣ ଯାଦୁରାରୋଗ:** ଏହି ରୋଗ ଦ୍ୱାରା ଆଳୁଗୁଡ଼ିକ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ଯଦ୍ୱାରା ତାହାର ବିକ୍ରି ମୂଲ୍ୟରେ ହ୍ରାସ ଘଟିଥାଏ। ଆଳୁର ଉପରେ ହାଲ୍‌କାରୁ ଗଭୀର ଯାଦୁରା ଦାଗ ଦେଖାଯାଇଥାଏ। ଏ ରୋଗରୁ ରକ୍ଷା ପାଇବା ପାଇଁ ସମ୍ପୂର୍ଣ୍ଣ ରୋଗମୁକ୍ତ ବିହନ ବ୍ୟବହାର କରନ୍ତୁ। ଆଳୁ ବିହନର ଭଣ୍ଡାରିକରଣର ପୂର୍ବରୁ ଏବଂ ପରେ ୩% ବୋରିକ୍ ଏସିଡ୍ ଦ୍ରବଣରେ ବିହନକୁ ୩୦ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ଭଲକରି ଶୁଖାନ୍ତୁ। ଗଛ ହୁଡ଼ାରେ ଅଧିକ ଜଳୀୟ ଅଂଶ ବଜାୟ ରଖନ୍ତୁ। ଖରାଟିଆ ଚାଷ କରନ୍ତୁ। ମାଟିରେ ଅଧିକ ଅମ୍ଳ ଅଂଶ ଏହି ରୋଗ ଦମନରେ ସାହାଯ୍ୟ କରିଥାଏ।

## କୀଟ ନିୟନ୍ତ୍ରଣ

**କାଙ୍କେଡ଼ିଆ ପୋକ:** ଏହି ପୋକ ଆଳୁ ପତ୍ର ସବୁଜ ଅଂଶକୁ ଖାଇଦେଇ ତାହାକୁ ଜାଲି କରିଦିଏ ଯଦ୍ୱାରା ଆଳୁର ଅମଳ କମିଯାଇଥାଏ। ଏହାକୁ ଦମନ କରିବା ପାଇଁ ୦.୨% ଟ୍ରାଇଜୋଫସ୍ ୧୫ଦିନ ବ୍ୟବଧାନରେ ୨ଥର ସିଞ୍ଚନ କରନ୍ତୁ।

**ଆଳୁମଥ୍:** ଏହି ପୋକର ସଂବାଳୁଆ ଉଭୟ ପତ୍ର ଓ ଆଳୁରେ କଣାକରି ତାହାର ଭିତର ଅଂଶକୁ ଖାଇଥାଏ ଏହାଦ୍ୱାରା ଗଛର କଅଁଳିଆ ପତ୍ର, ଜମିରେ ପାକଳ ଆଳୁ ଓ ସର୍ବୋପରି ଦେଶୀ ଭଣ୍ଡାରରେ ଉପର ଅଂଶର ଆଳୁ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଦମନ ପାଇଁ ଅମଳର ଦୁଇ ସପ୍ତାହ ପୂର୍ବରୁ ୦.୦୫% କାର୍ବରିଲ୍ ସିଞ୍ଚନ କରନ୍ତୁ। ଦେଶୀ ଭଣ୍ଡାରରେ ଆଳୁ ଗଦାର ଉପରେ ୨ସେ.ମି. ବହଳର ଲାଣ୍ଟାନା କିମ୍ବା ଇଉକାଲିପଟାସ୍ ଗଛର ପତ୍ର ଆଚ୍ଛାଦନ କରନ୍ତୁ।

**କର୍ତ୍ତକ କୀଟ:** ଏହି ପୋକର ସଂବାଳୁଆ ରାତିରେ କଅଁଳିଆ ଗଛକୁ ମୂଳରୁ କାଟି ଦିଏ। ଏହା ପତ୍ରକୁ ଖାଇବାସହ ଆଳୁକୁ ମଧ୍ୟ କଣା କରି ତାହାର ଭିତର ଅଂଶକୁ ଖାଇଥାଏ। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୧ମି.ଲି. ଡାଇକ୍ଲୋରଭସ୍ ଓ ୧ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସଂଧ୍ୟା ସମୟରେ ସିଞ୍ଚନ କରନ୍ତୁ।

**ଜଉପୋକ:** ଏହା ସାଧାରଣତଃ ଗଛର କଅଁଳିଆ ଅଂଶରୁ ରସ ଶୋଷିଥାଏ। ଏହି ପୋକ

ଭାଇରସ୍ ଜନିତ ରୋଗବାହକ ହିସାବରେ ମୁଖ୍ୟଭୂମିକା ଗ୍ରହଣ କରିଥାଏ। ଏହାର ନିୟନ୍ତ୍ରଣ ପାଇଁ ୦.୧୫% ମିଥାଇଲ୍ ଡିମେଟନ୍ କିମ୍ବା ୦.୧% ଡାଇମେଥୋଏଟ୍ ସିଞ୍ଚନ କରନ୍ତୁ।

## ଅମଳ

ଫସଲ ଅମଳଯୋଗ୍ୟ ହେଲାପରେ ଅର୍ଥାତ୍ ଗଛ ହଳଦିଆ ହୋଇଗଲେ, ତା'ର ଉପର ଅଂଶକୁ କାଟି ଦିଆଯାଏ। ସର୍ବଦା ଶୁଖିଲା, ଖରାଟିଆ ପାଗ ହେଲେ ଅମଳ କରିବା ଉଚିତ୍। ଅମଳ କରାଯିବାର ଦୁଇ ସପ୍ତାହ ପୂର୍ବରୁ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଅମଳ କରିବା ବେଳକୁ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଉଚିତ୍, ଯେପରିକି ଆଳୁର କୌଣସି ଅଂଶ ଖଣ୍ଡିଆ ବା କ୍ଷତ ନହୁଏ। ସେହି କ୍ଷତ ଅଂଶ ପରମୁହୂର୍ତ୍ତରେ ବିଭିନ୍ନ କବକ, ବୀଜାଣୁ ଦ୍ୱାରା ଆକ୍ରାନ୍ତ ହୋଇ ନଷ୍ଟ କରାଇଥାଏ। ଗଛ କାଟିବାର ୧୦-୧୫ ଦିନ ପରେ ଆଳୁ ଅମଳ କଲେ ଭଲ। ଅମଳ ଆଳୁକୁ ଛାଇରେ ଶୁଖାଇବା ଉଚିତ୍। ଖରାରେ ଶୁଖାଇଲେ ତା'ର ଗୁଣବତ୍ତା ନଷ୍ଟ ହୋଇଥାଏ। ରୋଗିଣା ଓ ଖଣ୍ଡିଆ ଆଳୁସବୁକୁ ଅଲଗା ରଖିବା ଉଚିତ୍। ଆଳୁ ଅମଳପାଇଁ ଆଜିକାଲି ବଳଦଟଣା ଆଳୁ ଅମଳ ଯନ୍ତ୍ର ମଧ୍ୟ ଉପଲବ୍ଧ ହେଉଅଛି।

## ଆଳୁ ଚାଷରୁ ଲାଭ ପାଇବେ କିପରି

- ଆପଣଙ୍କ ମାଟି, ଜଳସେଚନ ସୁବିଧା ଦେଖି ଆଳୁ କିସମ ଚୟନ କରନ୍ତୁ।
- ରୋଗମୁକ୍ତ ୪୦ଗ୍ରାମ୍ ପାଖାପାଖି ଓ ୨ ରୁ ୩ଟି ଆଖିଥିବା ବିହନ ସଂଗ୍ରହ କରନ୍ତୁ।
- ଉପଯୁକ୍ତ ସମୟରେ ଆଳୁ ଲଗାନ୍ତୁ।
- ବୁଡ଼ାପାଣି ବା ଅଧିକ ଜଳସେଚନ ସର୍ବଦା ବର୍ଜନୀୟ।
- ମାଟି ପରୀକ୍ଷା କରି ସାର ପ୍ରୟୋଗ କରନ୍ତୁ।
- ସମସ୍ତ ଫସ୍‌ଫରସ୍ ଓ ପଟାସ୍‌ସାର ମୂଳସାରଭାବେ ପ୍ରୟୋଗକରନ୍ତୁ।
- ପତ୍ରପୋଡ଼ା, ଝାଉଁଳାଆଦି ରୋଗ ଦେଖାଦେବାମାତ୍ରେ ଉପଚାର କରନ୍ତୁ।
- କୋଡ଼ା ଖୁସା ପରେ ଆବଶ୍ୟକ ପରିମାଣ ମାଟି ଉପରକୁ ଟେକନ୍ତୁ, ଯେପରିକି ପରବର୍ତ୍ତୀ ସମୟରେ ଆଳୁ ଉପରକୁ ଦେଖା ନଯାଏ।
- ଆଳୁ ଅମଳ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରନ୍ତୁ।
- କ୍ଷତ ବା ଖଣ୍ଡିଆ ଆଳୁକୁ ଭଲ ଆଳୁସହ ମିଶାଇ ରଖନ୍ତୁନାହିଁ।
- ଆବଶ୍ୟକସ୍ଥଳେ କୃଷି ବିଜ୍ଞାନ କେନ୍ଦ୍ର, ଅଙ୍ଗାରପଦା, ଯଶୀପୁରର ବୈଜ୍ଞାନିକ କିମ୍ବା ସ୍ଥାନୀୟ କୃଷି / ଉଦ୍ୟାନ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।










Printed at: ankitagraphics, Bhubaneswar
email: saroj77337@gmail.com, Ph. 9437077337

OUAT Publication
No. 2024110358